# ବାବାଙ୍କ ଜନ୍ମ ବୃତ୍ତାନ୍ତ

ପ୍ରିୟ ସାଇ ବାବାଙ୍କର ଜନ୍ମ ୨୭-୯-୧୮୩୮ ମସିହା ବୋଲି ଅନୁମାନ କରାଯାଏ। ସେ ମହାରାଷ୍ଟ୍ର ରାଜ୍ୟର ଔରଙ୍ଗାବାଦ ଜିଲ୍ଲା ପଥ୍ରି ଗ୍ରାମରେ ଏକ ଜଙ୍ଗଲରେ ଜନ୍ମ ହୋଇଥିଲେ । ତାଙ୍କ ବାପାଙ୍କ ନାମ ଗଙ୍ଗା ଭବାଡ଼ି ଯେ କି ଜାତିରେ ବ୍ରାହ୍ମଣ ଏବଂ ଭରଦ୍ୱାଜ ଗୋତ୍ରୀୟ ଥିଲେ। ମାଆଙ୍କର ନାମ ଦେବଗିରି ଆମ୍ମା। ତାଙ୍କର ପିତାମାତା ପଥ୍ରି ଗ୍ରାମରେ ପାଣିଟାଙ୍କି ପାଖରେ ବାସ କରୁଥିଲେ ଏବଂ ହନୁମାନ ମନ୍ଦିରରେ ପୂଜା କରୁଥିଲେ। ସେ ଏକ ଧାର୍ମିକ ବ୍ୟକ୍ତି ଥିଲେ ଏବଂ ନାବିକ ଥିଲେ। ତାଙ୍କର କୌଣସି ସନ୍ତାନ ନ ଥିଲା। ଥରେ ଗଙ୍ଗା ଭବାଡି ନଦୀକୁ ନୌକା ସୁରକ୍ଷା କରିବାକୁ ଯାଇଥିବାବେଳେ ଭଗବାନ ଶିବ ଏକ ବୃଦ୍ଧ ଶରୀରରେ ଦେବଗିରି ଆମ୍ମା ଘରେ ଏକୁଟିଆ ଥିବା ସମୟରେ ଖାଦ୍ୟ ଏବଂ ଆଶ୍ରୟ ପାଇଁ ଆସିଲେ ଏବଂ ପରେ ପରେ ଦେବୀ ଶକ୍ତିମାତା ତାଙ୍କ ପାଦ ସେବା କରିବା ପାଇଁ ଏକ ଗାଁ ବୁଢ଼ୀ ବେଶରେ ପ୍ରବେଶ କଲେ। ଦେବଗିରି ଆମ୍ମାଙ୍କ ସେବାରେ ପ୍ରୀତ ହୋଇ ଭଗବାନ ଶିବ ତାଙ୍କୁ ତିନୋଟି ସନ୍ତାନର ମା' ହେବାକୁ ଆର୍ଶିବାଦ ଦେଇ ଚାଲିଗଲେ।

ପ୍ରଥମେ ପୁଅ ତା'ପରେ ଏକ ଝିଅ ଏବଂ ତୃତୀୟରେ ପୁଅଟିଏ ହୋଇଥିଲା। ତୃତୀୟ ପୁଅ ନିଜେ ଶିବ ଜନ୍ମ ହେବେ ବୋଲି ଆଶିର୍ବାଦ ଦେଇଥିଲେ। କିଛି ବର୍ଷ ପରେ ଯେତେବେଳେ ତୃତୀୟ ପୁତ୍ର ଜନ୍ମ ନେବାକୁ ହୁଏ ସେତେବେଳେ ଗଙ୍ଗା ଭବାଡ଼ିଙ୍କର ସଂସାର ପ୍ରତି ବୈରାଗ୍ୟ ଭାବ ଆସିଲା ଏବଂ ପରେ ଘର ସଂସାର ଛାଡ଼ି ଯିବାକୁ ମନସ୍ଥ କଲେ। ତାଙ୍କ ସ୍ତ୍ରୀ ମଧ୍ୟ ସ୍ୱାମୀଙ୍କର ପଥାନୁସରଣ କଲେ। ପ୍ରଥମ ପୁଅ ଏବଂ ଝିଅକୁ ମାମୁଁ ଘରେ ଛାଡ଼ିଦେଲେ। ୨୭ ତାରିଖ ସେପ୍ଟେମ୍ବର ମାସ ୧୮୩୮ ମସିହା ସକାଳେ ଯେତେବେଳେ ସେ ଗ୍ରାମ ନିକଟ ଏକ ରାସ୍ତାରେ ଯାଉଥାନ୍ତି ସେତେବେଳେ ଦେବଗିରି ଆମ୍ମାଙ୍କର ଗର୍ଭ ଯନ୍ତ୍ରଣା ଆରମ୍ଭ ହେଲା। ସେ ତାଙ୍କ ସ୍ୱାମୀଙ୍କୁ ଅଟକିବାକୁ କହିଲେ, ମାତ୍ର ସ୍ୱାମୀ ତାଙ୍କୁ ଛାଡ଼ି ଚାଲିଗଲେ। ସେତେବେଳେ ଦେବଗିରି ଆମ୍ମା ଭଗବାନ ସାଇବାବାଙ୍କୁ ଜନ୍ମ ଦେଲେ ଏବଂ ପିପ୍ପଲ୍ ଗଛର ପତ୍ର ଘୋଡ଼ାଇ ପୁଣି ସ୍ୱାମୀଙ୍କର ପ୍ରଥାନୁସରଣ କଲେ।

ଏହି ସମୟରେ ପଟିଲ୍ ନାମକ ଜଣେ ମୁସ୍‌ଲିମ୍ ଫକୀର ଏବଂ ତା'ର ସ୍ତ୍ରୀ ଦୁହେଁ ଘରକୁ ଫେରୁଥାନ୍ତି। ତାଙ୍କ ସ୍ତ୍ରୀ ଶିଶୁର କାନ୍ଦଣା ସ୍ୱର ଶୁଣି ଅଟକିଲେ ଏବଂ କହିଲେ ଆମ ନିଃସନ୍ତାନକୁ 'ଆଲ୍ଲା ଭଗବାନ୍' ଏକ ପୁତ୍ର ସନ୍ତାନ ପଠାଇଛନ୍ତି। ତା'ପରେ ତାଙ୍କୁ ନେଇ ନିଜ ଗାଁ ମନମାଡ଼ ଆଡ଼କୁ ଗଲେ ଏବଂ ପୁତ୍ରର ନାମ 'ବାବୁ' ରଖିଲେ। ୪ ବର୍ଷ ପରେ ୧୯୪୨ ମସିହାରେ ଫକୀର ମରିଗଲେ ତା'ରେ ଓ ଏଥିରେ ମର୍ମାହତ ହୋଇପଡ଼ିଲେ ତାଙ୍କ ସ୍ତ୍ରୀ। ଏହାପରେ ବାବୁ ଯେ କି ନିଜେ ସାଇବାବା ବହୁତ ଆଶ୍ଚର୍ଯ୍ୟକର କଥା ଘଟାଇଚାଲିଲେ। ସେ ସମସ୍ତ ମନ୍ଦିର ବୁଲି କୋରାନ୍ ଗାଇଲେ ଏବଂ ମସ୍‌ଜିଦ୍‌ରେ ପଥର ଲିଙ୍ଗ ସ୍ଥାପନ କରି ପୂଜା କଲେ। ତାଙ୍କର ଗୀତ ଥିଲା 'ରାମ' ହେଉଛନ୍ତି 'ଆଲ୍ଲା' ଏବଂ 'ଆଲ୍ଲା' ହେଉଛନ୍ତି 'ଶିବ'। ଏହା ମନମାଡ଼ ଲୋକଙ୍କୁ ବହୁତ ବାଧିଲା। ସେମାନେ ଅଭିଯୋଗ କରିବାରୁ ନିଜେ ବାବୁଙ୍କର ସାବତ ମାଆ ନିକଟସ୍ଥ ସାଇଲୁ ଗ୍ରାମରେ ଥିବା ଏକ ଆଶ୍ରମରେ ବାବାଙ୍କୁ ପହଞ୍ଚାଇଲେ, ଯେଉଁଠାରେ ବହୁତ ଅନାଥ, ଗରିବ ଏବଂ ପିତାମାତାହୀନ ସନ୍ତାନ ବାସ କରୁଥିଲେ।

ଏହି ଆଶ୍ରମର ମାଲିକ ଭେଙ୍କୁଶା ଯେ କି ଅତୀତରେ ଗୁରୁ ରାମାନନ୍ଦ ଥିଲେ, ତାଙ୍କୁ ନିଜେ ଶିବ ରାତିରେ ସ୍ୱପ୍ନାବସ୍ଥାରେ ଦର୍ଶନ ଦେଇ କହିଲେ, ମୁଁ ଆପଣଙ୍କ ଘରେ ରାତି ୧୧ଟାରେ ପହଞ୍ଚିବି। ଏହି ସମୟରେ ଠିକ୍, ବାବୁଙ୍କର ମାଆ ସେଠାରେ ପହଞ୍ଚିଲେ। ଭେଙ୍କୁଶା ତାଙ୍କୁ ପାଛୋଟି ନେଲେ। ପରେ ତାଙ୍କ ମାଆ ସେଠାରେ ଆଠ ବର୍ଷ ରହି ମରିଗଲେ। ସାଇବାବା ମଧ୍ୟ ଏହି ଆଶ୍ରମରେ ୧୮୪୨ରୁ ୧୮୫୪ ମସିହା ପର୍ଯ୍ୟନ୍ତ ୧୨ ବର୍ଷ ରହି ପରେ ସିରିଡ଼ିକୁ ଆସି ଅବସ୍ଥାନ କଲେ।

**-ଜୟ ସାଇରାମ-**

**ପ୍ରଶାନ୍ତ ସାହୁ**
**ନୋନି ବାୟୋଟେକ୍**
**କାନନ ବିହାର**